# Akashvani, Sambalpur

## SAMBALPURI NEWS BULLETIN

### 29 December 2025 – 6.47- 6.52 am.

*********************************************

କଲାକାର୍ ଭତା ବୃଦ୍ଧି I&PR

ରାଜ୍ୟ ସର୍କାର୍ କଲାକାର୍ ମାନ୍‌କର୍ ଭତାକେ ବଢ଼େଇଛନ୍ । କେନ୍ଦୁଝର୍ ଠାନେ ୪୮ ନମ୍ବର୍ ରାଜ୍ୟସ୍ତରୀୟ ପାଲା ସମ୍ମିଳନୀଥି ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଆଘୋନୁ କଲାକାର୍ ସାହାଜ୍ ୨ ହଜାର୍ ଟଙ୍କା ଥିବାର୍ ବେଲେ ଇହାଦେ ୪୦ ନୁ ୮୦ ବଛର୍ ବୟସ୍ ଭିତରେ କଲାକାର୍‌ମାନେ ମାସ୍‌କ ୩ ହଜାର୍ ଟଙ୍କା ଲେଖା ଭତା ପାଏବେ । ସେନ୍ତା ୮୦ ନୁ ଅଏତ୍‌କା ବୟସର୍ କଲାକାର୍‌ମାନେ ମାସ୍‌କ ସାଢ଼େ ୩ ହଜାର୍ ଟଙ୍କା ପାଏବେ । ମୁଖ୍ୟମନ୍ତ୍ରୀଙ୍କର୍ ଇ ଘୋଷ୍‌ନା ଲାଗି ରାଜ୍ୟର୍ ୪୭ ହଜାର୍ ୭ ଶହ ୪ ଝନ୍ କଲାକାର୍ ଉପକୃତ ହେବେ ।

ରେଲ୍‌ବାଇ- ନୂଆଁ ଟ୍ରେନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଲ୍‌ତି ବଛର୍ ଭାରତୀୟ ରେଲ୍‌ବାଇଥି ୧୫ ଟା ନୂଆଁ ବନ୍ଦେ ଭାରତ୍ ଟ୍ରେନ୍ ଜୁଡ଼ି ହେଇଛେ । ଇତାକେ ମିଶେଇକରି ଦେଶେ ମୋଟ୍ ବନ୍ଦେ ଭାରତ୍ ଟ୍ରେନ୍ ସଂଖ୍ୟା ଶହେ ୬୪ ଥି ପୁହୁଁଚିଛେ ବଲି ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ମିଲିଛେ । ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ୧୩ ଟା ଅମୃତ୍ ଭାରତ୍ ଟ୍ରେନ୍ ଆଉ ୨ ଟା ନମୋ ଭାରତ୍ ରେପିଡ୍ ରେଲ୍ ସେବା ଇ ବଛର୍ ଜୁଡ଼ି ହେଇଛେ । ନିୟମିତ ସେବା ଛଡ଼ା ଅଏତ୍‌କା ଭିଡ଼୍‌କେ ନିୟନ୍ତ୍ରଣ୍ କର୍‌ବାର ଲାଗି ଇ ବଛର୍ ରେଲ୍‌ବାଇ ୪୩ ହଜାର୍‌ନୁ ଅଏତ୍‌କା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କରିଥିଲା । ମହାକୁମ୍ଭ ଲାଗି ୧୭ ହଜାର୍ ୩ ଶହ ୪୦ ନୁ ଅଏତ୍‌କା ଟ୍ରେନ୍ ଯାତ୍ରା କରିଥିବାର୍ ବେଲେ ହୋଲି ଲାଗି ୧୧ ଶହ ୧୪ ଆଉ ଛଟ୍‌ପୂଜା ଲାଗି ୧୨ ହଜାର୍ ୩ ଶହ ୮୩ ଟା ସ୍ୱତନ୍ତ୍ର ଟ୍ରେନ୍ ଚାଲିଥିଲା ବଲି ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ମିଲିଛେ ।

କୃଷି ଯନ୍ତ୍ରପାତି ମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନୁଗୁଲ୍ ଜିଲ୍ଲା କିଶୋର୍ ନଗର୍ ବ୍ଲକ୍ ମହକୁମାର୍ ବର ପଡ଼ିଆ ଠାନେ ୫ ଦିନ୍ ଧରିକରି ହେବାର୍‌କେ ଥିବା ଅନୁଗୁଲ୍ ଜିଲ୍ଲା ଆଉ ଆଠ୍‌ମଲ୍ଲିକ୍ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗଲାକାଏଲ୍ ମୁଲ୍ ହେଇଛେ । ସମ୍ବଲ୍‌ପୁର୍ ସାଂସଦ୍ ଆଉ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମେଳାକେ ଉଦ୍‌ଘାଟନ୍ କରିଛନ୍ । ଇ

ଅବ୍‌ସରେ ଶ୍ରୀ ପ୍ରଧାନ୍ ଆଠ୍‌ମଲ୍ଲିକ୍ ଉପଖଣ୍ଡର୍ ବିକାଶ୍ ଲାଗି ପାଖାପାଖି ଶହେ ୫୦ କୋଟି ଟଙ୍କାର୍ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ୩୬ ଟା ନୂଆଁ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ୨୨ ଟା ପ୍ରକଳ୍ପ ଲୋକାର୍ପିତ୍ ହେଇଛେ । ଇ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅବ୍‌ସରେ ଜିଲ୍ଲାର୍ ବିକାଶ୍ ଲାଗି ଶହେ ୪୯ କୋଟି ୫୬ ଲାଖ୍ ନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ୫୮ ଟା ଭିନ୍ ଭିନ୍ ପ୍ରକଳ୍ପର୍ ଶୁଭାରମ୍ଭ ଭିଲ୍ କରାଯାଇଛେ । ମେଳାଥି କୃଷି ଆଉ ଆନୁସଙ୍ଗିକ୍ ବିଭାଗ୍‌ର ୨୬ ଟା ଆଉ କୃଷି ଯନ୍ତ୍ରପାତି ବିକ୍ରେତାଙ୍କର୍ ୩୧ ଟା ଷ୍ଟଲ୍ ଖୁଲିଛେ ।

ମୁଖ୍ୟ ନିର୍ବାଚନ୍ ଆୟୁକ୍ତ        I&PR

ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ଜ୍ଞାନେଶ୍ କୁମାର୍‌ଙ୍କର୍ ଓଡ଼ିଶା ଗସ୍ତର୍ ୩ ନମ୍ବର୍ ଦିନର୍ ବୁଥ୍‌ସ୍ତରୀୟ ଅଧିକାରୀମାନ୍‌କର୍ ସହେତେ ବୈଠକ୍ ଆଉ ଅଲ୍‌ଗା ସବୁ କାର୍ଯ୍ୟକ୍ରମ୍‌କେ ସ୍ଥଗିତ୍ ରଖାଯାଇଛେ । ବ୍ୟକ୍ତିଗତ କାରଣ୍‌ନୁ ଶ୍ରୀକୁମାର୍ ଗଲାକାଏଲ୍ ଦିଲ୍ଲୀ ଫିରିଯାଇଛନ୍ ।

ପୁରୀ ରତ୍ନଭଣ୍ଡାର୍‌ର ଗନ୍‌ତିମନ୍‌ତି        ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ରତ୍ନଭଣ୍ଡାର୍‌ର ଗନ୍‌ତିମନ୍‌ତି ଲାଗି ନିର୍ଦ୍ଦିଷ୍ଟ ସମିଆ ଧାରିଜ୍ ନାଇଁ ହେଇ । ଗଲା ଶନିବାର୍ ବସିଥିବା ବୈଠକ୍‌ଥି ଅଲଙ୍କାର୍ ମାନ୍‌କର୍ ଗନ୍‌ତିମନ୍‌ତି ଲାଗି ଖାଲି ଗୁଟେ ମାର୍ଗଦର୍ଶିକା ତିଆର୍ ହେଇଛେ ବଲି ଜଷ୍ଟିସ୍ ରଥ କହିଛନ୍ । ସେ ଆହୁରି କହିଛନ୍, ଇହାଦେ ମାହାପୁରୁମାନ୍‌କର୍ ପହିଲିଭୋଗ ନୀତି ଚାଲିଛେ । ମକର ସଂକ୍ରାନ୍ତିତକ୍ ଇ ନୀତି ଚାଲ୍‌ବାର୍‌କେ ଥିବାର୍‌ନୁ ସେତ୍‌କିବେଲ୍‌ତକ୍ ଗନ୍‌ତିମନ୍‌ତି ଲାଗି ତାରିଖ୍ ଧାରିଜ୍ ନାଇଁ ହେଇପାରେ । କମିଟିର୍ ଏସ୍‌ଓପିକେ ଅନୁମୋଦନ୍ ଦିଗେ ସର୍‌କାର୍‌ଙ୍କର୍ ପଦକ୍ଷେପ୍‌କେ ନଜର୍‌ଥି ରଖିକରି ତାରିଖ୍ ଧାରିଜ୍ କରାଯିବା ଆଉ ଖୋବ୍ ଜଲ୍‌ଦି କାମ୍ ମୁଲ୍ ହେବା ବଲି ଜଷ୍ଟିସ୍ ରଥ ଆଶ୍ କରିଛନ୍ ।

ପୁରୀ ଶ୍ରୀମନ୍ଦିର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଇ ବଛ୍‌ରର୍ ଶେଷ୍ ଦିନ୍ ଆଉ ନୂଆବଛର୍ ଜାନୁଆରୀ ୧ ତାରିଖ୍ ଦିନ ଜବର୍ ଭିଡ୍ ହେବାର୍ ସମ୍ଭାବନା ରହିଛେ । ଇତାକେ ନଜର୍‌ଥି ରଖିକରି ଇ ଦୁହି ଦିନ ଧ୍ୱଜା ବନ୍ଧା ନୀତି ବେଲ୍‌ବୁଡ଼ର୍ ୫ ବଜେ ବଦ୍‌ଲା ଦୁଇପହରର୍ ୩ ବଜେତକ୍ ଶେଷ୍ କର୍‌ବାର୍ ଲାଗି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ୍ ଦେଇଛନ୍ । ଇ ବାବ୍‌ଦେ ଚୁନରା ସେବକ ମାନ୍‌କୁ ସ୍ୱତନ୍ତ୍ର କାର୍ଯ୍ୟାଳୟ ଆଦେଶ୍ ଦିଆଯାଇଛେ । ଉପର୍‌ବେଲା କମ୍

ଗହଲି ଥିବାର୍ ସମିଆଥି ଧ୍ୱଜା ବନ୍ଧା ହେବାର୍ ଲାଗି ଇ ନିର୍ଦ୍ଦେଶ୍ ଜାରି କରାଯାଇଥିବାର୍ ସୂଚ୍ନା ମିଳିଛେ ।

ୟୁଜିସି ନେଟ୍ ପରୀକ୍ଷା ଆର୍ଏନ୍ୟୁ/ ସମ୍ବଲପୁର

ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ - ୟୁଜିସି ନେଟ୍ ପରୀକ୍ଷା ଆଏବା ୩୧ ତାରିଖ୍ନୁ ମୁଲ୍ ହେଇକରି ଜାନୁଆରୀ ୭ ତାରିଖ୍ତକ୍ ଚାଲ୍ବା । ୮୫ ଟା ବିଷେଥି ଇ ପରୀକ୍ଷା କରାଯିବା । ଆଏବା ଶନିବାର୍ନୁ ଜାତୀୟ ପରୀକ୍ଷା ଏଜେନ୍ସି - ଏନ୍ଟିଏ ୱେବ୍ସାଇଟ୍ ugcnet.nta.nic.in ଥି ଏଡ୍ମିଟ୍କାର୍ଡ୍ ମିଲ୍ବା । ଇଥିର୍ଲାଗି ଏନ୍ଟିଏ ତର୍ଫୁ ବିଜ୍ଞପ୍ତି ବାହାରିଛେ ।

ସମ୍ବଲ୍ପୁରୀ ନାଟକ୍ ମହୋତ୍ସବ ଆର୍ଏନ୍ୟୁ /ସମ୍ବଲପୁର

ସମ୍ବଲପୁର୍ ଆରଣ୍ୟକ୍ ମଂଚ ଠାନେ ଚାଲିଥିବାର୍ ୨୮ ନମ୍ବର୍ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲ୍ପୁରୀ ନାଟକ୍ ପ୍ରତିଯୋଗିତାର୍ ଉଦ୍ଯାପନୀ ଆଉ ପୁରସ୍କାର୍ ବିତରଣ୍ ଉତ୍ସବ୍ ଆଏଜ୍ ହେବା । । ଗଲା ବୁଧବାର୍ ଦିନୁ ମୁଲ୍ ହେଇଥିବା ଇ ପ୍ରତିଯୋଗିତାଥି ଆଏଜ୍ତକ୍ ୧୫ ଟା

ନାଟ୍ୟ ଦଲ୍ ଭାଗ୍ ନେଇଥିବାର୍ ବେଲେ ୧୧ ଟା କ୍ଲବ୍ ତର୍ଫୁ ନାଟକ୍ ପରିବେଷଣ୍ କରାଯାଇଛେ ।

ସମ୍ମିଲନୀ କକ୍ଷ- ଉଦ୍‌ଘାଟନ୍ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ସାମ୍ବାଦିକ୍ ସଂଘର୍ ନୂଆଁକରି ତିଆର୍ ହେଇଥିବା ଉପର୍ ମହଲା ସମ୍ମିଲନୀ କକ୍ଷକେ ଗଲାକାଏଲ୍ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଉଦ୍‌ଘାଟନ୍ କରିଛନ୍ । ବର୍‌ଗଡ଼୍ ସହର୍ ନ ଏନ୍ତା ଗୁଟେ ସଭାଘର୍ ତିଆର୍ ହେବାର୍‌ନୁ ସାମ୍ବାଦିକ୍ ମାନ୍‌କର୍ ସମ୍ମିଲନୀ ସହେତେ ଭିନ୍ ଭିନ୍ ପ୍ରକାରର୍ ତାଲିମ୍ କାର୍ଯ୍ୟକ୍ରମ୍, ସଭା ହେଇପାର୍‌ବାର୍‌ନୁ ସାଧାରଣ୍ ଲୁକେ ଉପକୃତ ହେଇପାର୍‌ବେ ବଲି ଅତିଥି ମାନେ କହିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଇ ମାସର୍ ଶେଷ୍‌ତକ୍ ରାତିର୍ ତାପମାତ୍ରାଥି ଖାସ୍ ପରିବର୍ତନ୍ ହେବାର୍ ସମ୍ଭାବନା ନାଇଁନ । ଗଲାକାଏଲ୍ ଦାରିଙ୍ଗ୍‌ବାଡ଼ି ନ ସବୁନୁ କମ୍ ତାପମାତ୍ରା ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଥିଲା ।